**SET–D**

**Roll No.** [ ]

Total No. of Printed Pages—15

**802 R/E/DE**

**( Regular/~~Ex-Regular~~ )**

**MIL (O)**

**( Commerce )**

[ As per 2014–2017 Syllabi ]

# 2017 (A)

COMMERCE

# MODERN INDIAN LANGUAGE ( ODIA )

*Full Marks* : 100

*Time* : 3 hours

*The figures in the right-hand margin indicate marks*

ଦକ୍ଷିଣ ପାର୍ଶ୍ୱରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟାଙ୍କ ସୂଚାଉଛି

*Answer **all** questions*

ସମସ୍ତ ପ୍ରଶ୍ନର ଉତ୍ତର ଆବଶ୍ୟକ

*Candidates are required to give their answers in their own words as far as practicable*

ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ପ୍ରଶ୍ନର ଉତ୍ତର ଲେଖିବା ଆବଶ୍ୟକ

(ଗଦ୍ୟ, ପଦ୍ୟ ଓ ଗଳ୍ପର ସମସ୍ତ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ଏବଂ ୫, ୮, ୧୧ର 'କ' ଓ 'ଖ' ବିଭାଗର ଉତ୍ତରରେ ଲେଖା ଓ ଲେଖକଙ୍କ ପରିଚୟ ଆବଶ୍ୟକ)

୧। ତୁମ ଅଞ୍ଚଳରେ ଶିଳ୍ପ ପ୍ରଦୂଷଣ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କର । ୬

*ଅଥବା*

ବାପାଙ୍କର ବଦଳି ବନ୍ଦ କରିବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଏକ ଦରଖାସ୍ତ ଲେଖ ।

୨। ନିମ୍ନ ଅନୁଚ୍ଛେଦଟି ପଢ଼ି ତା ଆଧାରରେ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : ୨×୫=୧୦

ମନୁଷ୍ୟ ଯେତେବେଳେ କ୍ରମେ ଉନ୍ନତି କଲା ଓ ଭଗବାନ, ଧର୍ମ, ନ୍ୟାୟ, ନୀତି ପ୍ରଭୃତି ବିଷୟରେ ଆଲୋଚନା କରିବାକୁ ଲାଗିଲା, ସେତେବେଳେ ମଧ୍ୟ ସେ ଅଧିକାର ଉପରେ ସେଭଳି କିଛି ଗୁରୁତ୍ୱ ଦେଲା ନାହିଁ । ଗୁରୁତ୍ୱ ଦେଲା କର୍ତ୍ତବ୍ୟ ଉପରେ । ଏହି ସଂସାରରେ ମନୁଷ୍ୟ ଜନ୍ମ ହୋଇଛି । କେତେଗୁଡ଼ିଏ କର୍ତ୍ତବ୍ୟ ସେ ଅବଶ୍ୟ ପାଳନ କରିବ । ତା'ର ବିବେକ ଯେଉଁଟାକୁ ଠିକ୍ ବୋଲି ଭାବିବ, ସେ ତାହା କରିବ । କେତେଗୁଡ଼ିଏ କଥା ତାକୁ ଭଲ ନ ଲାଗିଲେ ମଧ୍ୟ ସେ କର୍ତ୍ତବ୍ୟର ଅନୁରୋଧରେ କରିବ । ପିତାର ପୁତ୍ର ପ୍ରତି

କର୍ତ୍ତବ୍ୟ ରହିଛି; ପୁତ୍ରର ମଧ୍ୟ ପିତା ପ୍ରତି କର୍ତ୍ତବ୍ୟ ରହିଛି । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଧ୍ୟ ସେହି ସମ୍ପର୍କ ।

ସଂସ୍କୃତ ଭାଷାରେ ଅଧିକାର ତଥା କର୍ତ୍ତବ୍ୟ ଏକାର୍ଥବାଚକ ଶବ୍ଦ ଭଳି ବ୍ୟବହୃତ ହୋଇଛି । ଅଧିକାରର ଜନ୍ମ କର୍ତ୍ତବ୍ୟ ଭିତରୁ ହିଁ ହୋଇଛି । "କର୍ତ୍ତବ୍ୟ କରିବାର ମୋର ଅଧିକାର ରହିଛି" ବୋଲି ବରଂ କୁହାଗଲା । ଆମ ଦେଶର ମନୁଷ୍ୟ ଯେତେବେଳେ ଗୀତା-ଯୁଗରେ ପହଞ୍ଚିଗଲା, ସେତେବେଳେ ତାକୁ କୁହାଗଲା— କର୍ମରେ ତୋର ଅଧିକାର ଅଛି, ଫଳରେ ନାହିଁ । କେହି କେହି ତ କୁହନ୍ତି, ସମଗ୍ର ଗୀତାର ସାରକଥା ଦ୍ୱିତୀୟ ଅଧ୍ୟାୟର ଏହି ଗୋଟିଏ ଶ୍ଲୋକରେ ହିଁ ଅଛି । ଅଧିକାର ପାଇଁ ଦାବୀ କରିବା ତ ଦୂରର କଥା, ଯେଉଁ କର୍ତ୍ତବ୍ୟ କରୁଛ ବା ଯେଉଁ କର୍ମରେ ଲାଗିରହିଛ, ସେଥିରୁ ଯେଉଁ ଫଳ ମିଳିବ ତାହା ପ୍ରତି ମଧ୍ୟ ଆସକ୍ତ ହୁଅ ନାହିଁ ବୋଲି ଭଗବତ୍-ବାଣୀ ପ୍ରଚାର କରାଗଲାଣି । ନିଷ୍କାମ କର୍ମ ତଥା ପବିତ୍ର କର୍ତ୍ତବ୍ୟ, ଏକ କଥା କହିଲେ ଚଳେ । ଆଚାର୍ଯ୍ୟ ବିନୋବାଙ୍କ ଭାଷାରେ କର୍ମ ତଥା ଫଳ ବିଷୟରେ ଗୀତା ଗୋଟିଏ ନୂତନ ଭାବନା ଶିକ୍ଷା ଦେଲା । ତାଙ୍କର କହିବାର କଥା—"ଯିଏ କର୍ମ କରନ୍ତି, ତାଙ୍କର ହୁଏତ ଦୁଇଟି ଚିନ୍ତା ଥାଏ । ପ୍ରଥମ ହେଉଛି, ନିଜ କର୍ମର ଫଳ ଆମେ ନିଶ୍ଚୟ ଚାଖିବୁ; ତହିଁରେ ଆମର ଅଧିକାର ଅଛି । ଏହାର ଓଲଟା ଦ୍ୱିତୀୟ କଥା ହେଉଛି—ଆମକୁ ଯଦି ଫଳ ଚାଖିବାକୁ ନ ମିଳିବ, ତେବେ ଆମେ ଆଦୌ କର୍ମ କରିବା ନାହିଁ । ଗୀତା ଏହି ଦୁଇଟିକୁ ଛାଡ଼ି ଆଉ ଏକ ତୃତୀୟ

ଭାବନା ବା ବୃତ୍ତି ଶିକ୍ଷା ଦେଉଛି । ସେ କହୁଛି, କର୍ମ ତ ଅବଶ୍ୟ କରିବ; କିନ୍ତୁ ଫଳରେ ତୁମର ଅଧିକାର ଅଛି ବୋଲି ମନେ କର ନାହିଁ । ଯିଏ କର୍ମ କରୁଛି, ତା'ର ଫଳରେ ନିଶ୍ଚୟ ଅଧିକାର ଅଛି; କିନ୍ତୁ ତୁମେ ନିଜେ ସେ ଅଧିକାରକୁ ଛାଡ଼ିଦିଅ । ରଜୋଗୁଣ କୁହେ, "ନେବି ତ ଫଳ ସହିତ ନେବି ।" ତମୋଗୁଣ କହେ, "ଛାଡ଼ିବି ତ କର୍ମ ସମେତ ଛାଡ଼ିବି ।" ଏ ଦୁହେଁ ପରସ୍ପରର ଭାଇ । ଏଣୁ ତୁମେ ଏ ଦୁହିଁଙ୍କ ଆଗକୁ ଯାଇ ଶୁଦ୍ଧ ସତ୍ତ୍ୱଗୁଣୀ ହୁଅ, ଅର୍ଥାତ୍ କର୍ମ କର । ମାତ୍ର ଫଳକୁ ଛାଡ଼ି ଦିଅ । ଫଳକୁ ଛାଡ଼ି କର୍ମ କର । ମୂଳରୁ ବା ଶେଷକୁ କେଉଁଠି ହେଲେ ଫଳର ଆଶା ରଖ ନାହିଁ ।

ମହୁମାଛି ଯେମିତି ତା'ର ଚିତ୍ତବିନୋଦନ ଓ ଶ୍ରମକୁ ଏଭଳି ଭାବରେ ମିଶାଇ ଦେଇଛି ଯେ ଫୁଲରୁ ମହୁ ସଂଗ୍ରହ କରିବାଟା ଓ ଫୁଲରେ ଯାଇ ବସି ନାଚିବାଟା ଭିତରୁ କେଉଁଟା ତା'ର ଶ୍ରମ ବା କେଉଁଟା ଚିତ୍ତବିନୋଦନ ତାହା ଜାଣିବା କଷ୍ଟକର । ସେହିଭଳି ମନୁଷ୍ୟ ନିଜର କର୍ତ୍ତବ୍ୟ ପାଳନ କରି ଯାଉଥିବାବେଳେ ସେ ନିଜର ସୁଖ ପାଇଁ ଯାହା କରୁଛି ବା ଅନ୍ୟର ମଙ୍ଗଳ ପାଇଁ ଯାହା କରୁଛି, ତାହା ଯେପରି ଜାଣି ହେଉ ନଥିବ । ଟଙ୍କାର ସନ ଓ ମୁଣ୍ଡପାଖ ଭଳି—'ଅଧିକାର' ଓ 'କର୍ତ୍ତବ୍ୟ' ହେବା ଉଚିତ । ନିଜର କର୍ତ୍ତବ୍ୟ ପାଳନ ନ କରି କେହି ଅଧିକାରର ପ୍ରଶ୍ନ ଉଠାଉ ନ ଥିଲା । ଟଙ୍କାର ସନ–ପାଖଟା ନ ନେଇ ମୁଁ କେବଳ ମୁଣ୍ଡପାଖଟା ନେବି ବୋଲି କହିବା ଯେପରି ନିରର୍ଥକ, କର୍ତ୍ତବ୍ୟ ପାଳନ ନ କରି ଅଧିକାର



( Continued )

ବିଷୟ ଚିନ୍ତା କରିବାଟା ମଧ୍ୟ ସେହିଭଳି ନିରର୍ଥକ ବୋଲି ସ୍ୱୀକାର କରାଯାଉଥିଲା ।

**ପ୍ରଶ୍ନାବଳୀ :**

(୧) ମନୁଷ୍ୟ କର୍ତ୍ତବ୍ୟ ଉପରେ କେବେ ଭାବିଲା ?

(୨) ଗୀତାରେ କେଉଁ କଥା କୁହାଗଲା ?

(୩) କର୍ତ୍ତବ୍ୟ କରୁଥିବା ଲୋକେ କ'ଣ ସବୁ ଚିନ୍ତା କରନ୍ତି ?

(୪) କେଉଁ ଦୁଇଜଣ ପରସ୍ପର ଭାଇ ?

(୫) ମହୁମାଛିର କ'ଣ ଜାଣିବା କଷ୍ଟକର ?

୩। ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ :

(କ) ଯେକୌଣସି ତିନୋଟିକୁ ଏକପଦରେ ପ୍ରକାଶ କର : ୧×୩=୩

*(i)* ଯାହାର ସୀମା ନାହିଁ

*(ii)* କୂଳର ସମୀପ

*(iii)* ଯାହା ଗତ ହୋଇଅଛି

*(iv)* ଯିଏ ଗ୍ରହଣ କରେ

*(v)* ନାହିଁ ଧନ ଯାହାର

(ଖ) ଯେକୌଣସି **ତିନୋଟିର** ବିପରୀତାର୍ଥବୋଧକ ଶବ୍ଦ ଲେଖ : ୧×୩=୩

ଲଘୁ ; ଉପକାରୀ ; ଇହଲୋକ ; ଆଗମନ ; ଆବାହନ ।

(ଗ) ଯେକୌଣସି **ତିନିଯୋଡ଼ା** ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : ୧×୩=୩

ଭୀତି—ଭିତ୍ତି

ଚିର—ଚୀର

ଚୂତ—ଚ୍ୟୁତ

ପରିଚ୍ଛଦ—ପରିଚ୍ଛେଦ

ବଳି—ବଳୀ

୪/ ପ୍ରାୟ **୧୫୦ଟି** ଶବ୍ଦରେ ଉତ୍ତର ଦିଅ : ୮

"କ୍ଷମା ଏକ ମହତ୍ତର ପ୍ରତିହିଂସା"—ଉକ୍ତିର ଯଥାର୍ଥତା ବିଚାର କର ।

*ଅଥବା*

'ଜାତିର ଜୀବନ ଓ ସଂସ୍କୃତି' ପ୍ରବନ୍ଧରେ ଭାରତୀୟ ସଂସ୍କୃତିର ମହତ୍ତ୍ୱ କିପରି ପ୍ରତିଫଳିତ—ଆଲୋଚନା କର ।

୫। ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ବିଭାଗର ଉତ୍ତର ଦିଅ :

(କ) ପ୍ରତ୍ୟେକକୁ **୩୦ଟି** ଶବ୍ଦରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୩×୨=୬

*(i)* ସଂକୀର୍ଣ୍ଣ ପ୍ରାଦେଶିକତା କହିଲେ କ'ଣ ବୁଝ ?

*(ii)* ସତ୍ୟ ଓ ତ୍ରେତୟା ଯୁଗରେ କେଉଁ ଭୁଲ ହୋଇଥିଲା ?

*(iii)* ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ଉପରେ ରାଜାଜୀ କ'ଣ କହିଥିଲେ ?

(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨×୨=୪

*(i)* ସାହିତ୍ୟର ବନ୍ଧନ ସମ୍ପର୍କରେ କ'ଣ କୁହାଯାଇଛି ?

*(ii)* କିଏ ଆମକୁ କ୍ଷମା କରିଥାନ୍ତି ଓ କାହିଁକି ?

*(iii)* କେଉଁ ରୋଗ ସମସ୍ତଙ୍କୁ ଗ୍ରାସ କରିଛି ବୋଲି ଲେଖକ କହିଛନ୍ତି ?

(ଗ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୧×୨=୨

*(i)* ଇଂରେଜମାନଙ୍କର ଶକ୍ତି ବଢ଼ିବାର ଦେଖି ରଣଜିତ୍ ସିଂହ କ'ଣ କହିଥିଲେ ?

*(ii)* ଅପରାଧୀଙ୍କ ଚରିତ୍ର କାହିଁକି ଚିରକାଳ ଲାଗି ନଷ୍ଟ ହୁଏ ?

*(iii)* ଯୁଧିଷ୍ଠିରଙ୍କ ଭୁଲ୍‌ର ଫଳ କ'ଣ ହୋଇଥିଲା ?

୨। ନିମ୍ନ ପ୍ରଦତ୍ତ ଚାରିଟି ସାମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଜାତୀୟ ଜୀବନର ପ୍ରଧାନ ବନ୍ଧନ କ'ଣ ?

*(i)* ମାତୃଭୂମି

*(ii)* ମାତୃଭାଷା

*(iii)* ପ୍ରାଦେଶିକତା

*(iv)* ମହାଭାରତୀୟ ଭାବନା

(ଖ) କେଉଁମାନେ ମଧ୍ୟ ଅବସ୍ଥା ଚକ୍ରରେ ଅନ୍ୟାୟ କରି ବସନ୍ତି ?

*(i)* ଦୁଷ୍ଟଲୋକ

*(ii)* ଗରିବଲୋକ

*(iii)* ଧନୀଲୋକ

*(iv)* ସାଧୁଲୋକ

(ଗ) ଅଜ୍ଞାନରେ ବା ସଜ୍ଞାନରେ ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ କ'ଣ କରିଥାଉଁ ?

*(i)* କ୍ଷମା

*(ii)* ନ୍ୟାୟ

*(iii)* ଅପରାଧ

*(iv)* ସତ୍‌କାର୍ଯ୍ୟ

(ଘ) କାହାକୁ କୌଶଳରେ ପାତାଳକୁ ଠେଲି ଦିଆଯାଇଥିଲା ?

*(i)* ବଳି

*(ii)* ବାଳି

*(iii)* ସୁଗ୍ରୀବ

*(iv)* ନାଗ

(ଙ) ରାଜାଜୀ ତାଙ୍କ ତୃତୀୟ ଭାଷଣରେ କେଉଁ ବିଷୟରେ କହିଥିଲେ ?

*(i)* ପୂର୍ବଜନ୍ମର ବିଶ୍ୱାସ

*(ii)* ଯୌଥ ପରିବାର

*(iii)* ଇଂରାଜୀ ଶିକ୍ଷା

*(iv)* ବିଜ୍ଞାନ ଶିକ୍ଷା

୭। ପ୍ରାୟ **୧୫୦ଟି** ଶବ୍ଦରେ ଉତ୍ତର ଦିଅ : ୮

'ଧର୍ମପଦର ଆତ୍ମଲିପି' କବିତାରୁ ତ୍ୟାଗର ମହତ୍ତ୍ୱ ଉଲ୍ଲେଖ କର ।

*ଅଥବା*

ପଠିତ କବିତା ଅବଲମ୍ବନରେ ଗୋପବନ୍ଧୁଙ୍କ ଚରିତ୍ରର ମହନୀୟତା ଦର୍ଶାଅ ।

୮ । ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ :

(କ) ପ୍ରତ୍ୟେକକୁ **୩୦ଟି** ଶବ୍ଦରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୩×୨=୬

*(i)* ପ୍ରୀତିର ଗୁଣ ବିଷୟରେ କ'ଣ କୁହାଯାଇଛି ?

*(ii)* ଅଶିଣ ଉଆଁସ ରାତିରେ ଶ୍ମଶାନ କିପରି ଦିଶୁଥାଏ ?

*(iii)* ଗୋପ ଅଞ୍ଚଳ କେଉଁ ନଦୀର ବନ୍ୟାରେ କିପରି ପ୍ରଭାବିତ ହୋଇଥିଲା ?

(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨×୨=୪

*(i)* ଦିବା ଅବସାନ ଦେଖି କିଏ କାୟା ବିସ୍ତାର କରିଥିବା କୁହାଯାଇଛି ?

*(ii)* ଅଭିଷେକକୁ କବି କାହା ସହ ତୁଳନା କରିଛନ୍ତି ?

*(iii)* କେଉଁ ଉଦାର ନୀତି ସାଧନ କରିବାକୁ ଧର୍ମପଦ ପିତାଙ୍କୁ କହିଛି ?



https://www.freshersnow.com/board-model-question-papers/

(ଗ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୧×୨=୨

(i) ଚନ୍ଦ୍ରମାକୁ ରାହୁ ଗ୍ରାସିଲା ଭଳି ଉତ୍କଳକୁ ପ୍ରତିବର୍ଷ କିଏ ଗ୍ରାସ କରୁଥିଲା ?

(ii) ଚିରୁଗୁଣି ଶ୍ମଶାନରେ କ'ଣ କରେ ?

(iii) "କାମ-କାଳକୂଟ-କାଳିମା ଭ୍ରୂରୁ ଯୁଗଳ ଧରେ"ର ଅର୍ଥ କ'ଣ ?

୯। ପ୍ରଦତ୍ତ ଚାରିଗୋଟି ସାମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫=୫

(କ) ସୁମନ୍ତ୍ୟୁ କାହାର ଶିଷ୍ୟ ଥିଲେ ?

(i) ପର୍ଶୁରାମ

(ii) ଶଙ୍କର

(iii) ବଶିଷ୍ଠ

(iv) ବିଶ୍ୱାମିତ୍ର

(ଖ) ପ୍ରଜାଙ୍କ ହିତ ପାଇଁ ରାଜା କେଉଁ ରୂପ ଧାରଣ କରେ ?

(i) ବାଜିକର

(ii) ପର୍ବତ

(iii) ଜଳଧର

(iv) ହଳଧର

(ଗ) ଦୁନିଆର ମଖଶାଳାରେ କିଏ ଯଜମାନ ?

*(i)* ପୁରୋହିତ

*(ii)* ନରନାରୀ

*(iii)* ରାଜା

*(iv)* ମୁନିଋଷି

(ଘ) ନାଉରିଆ ଭୟରେ କାହାକୁ ସ୍ମରଣ କରେ ?

*(i)* ଶିବ

*(ii)* ଚଣ୍ଡୀ

*(iii)* ବାସେଲୀ

*(iv)* ହନୁମାନ

(ଙ) କାହାକୁ ଥରୁଟିଏ ଚାହିଁ ଗୋପବନ୍ଧୁ ବନ୍ୟା ଅଞ୍ଚଳ ବାହାରିଲେ ?

*(i)* ପତ୍ନୀର ମୁଖ

*(ii)* ବନ୍ଧୁର ମୁଖ

*(iii)* ଜଗନ୍ନାଥଙ୍କ ମୁଖ

*(iv)* ପୁତ୍ରମୁଖ

୧୦। ପ୍ରାୟ **୧୫୦ଟି** ଶବ୍ଦରେ ଉତ୍ତର ଦିଅ : ୮

ବିଟଘର ଓ ରେଳଗାଡ଼ି ସହ ଜହ୍ନର କିପରି ଆତ୍ମୀୟତା ବଢ଼ି ଯାଇଥିଲା, ଉଲ୍ଲେଖ କର ।

*ଅଥବା*

'ଦର୍ଶନ' ଗଳ୍ପରୁ ଅନାମ ମହାପାତ୍ରର ଚରିତ୍ର ଚିତ୍ରଣ କର ।

୧୧। ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ବିଭାଗରୁ ଉତ୍ତର ଦିଅ :

(କ) ପ୍ରତ୍ୟେକକୁ **୩୦ଟି** ଶବ୍ଦରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୩×୨=୬

*(i)* କେଉଁ ଘଟଣା ରାଓବାବୁଙ୍କ ଓଠରେ ସ୍ମିତ ହସ ଖେଳାଇ ଦେଇଥିଲା ?

*(ii)* ଶଗଡ଼ିଆଙ୍କ ସହ ଗଦେଇ କିପରି ବ୍ୟବହାର କରୁଥିଲା ?

*(iii)* ଅନାମ ମହାପାତ୍ରଙ୍କ ବାପାଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ : ୨×୨=୪

*(i)* ଗଛ ଗହଳରୁ ସିରେଇ ଗାଁ କିପରି ଦିଶୁଥିଲା ?

*(ii)* ଫିଟ୍‌ଫାଟ ଯୁବକଟି କେଉଁ ଯୋଜନା କରୁଥିବ ବୋଲି ରାଓ ଅନୁମାନ କଲେ ?

*(iii)* ଲୋକଗହଳି ଭିତରେ ଜହ୍ନ କ'ଣ ଦେଖିଲା ?

(ଗ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : ୧×୨=୨

*(i)* କମଳା ଖାଇ ଗଦେଇ କ'ଣ କହିଲା ?

*(ii)* ଗଣ୍ଡାରଟିର ବିଜ୍ଞାପନ ସମ୍ପର୍କରେ କୋମ୍ପାନିର ବକ୍ତବ୍ୟ କ'ଣ ଥିଲା ?

*(iii)* କଣ୍ଟ୍ରୋଲ ଚାଉଳ ଦେଖି ଅନାମ ରାଗିଲା କାହିଁକି ?

୧୨। ନିମ୍ନ ପ୍ରଦତ୍ତ ଚାରିଟି ସାମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଅନାମର ବାପା କାହା କଥାରେ ନାକ ଟେକୁଥିଲା ?

*(i)* ନେହେରୁ

*(ii)* ଗାନ୍ଧୀ ମହାତ୍ମା

*(iii)* ସୁଭାଷ ବୋଷ

*(iv)* ଲଜପତ୍ ରାୟ

(ଖ) କିଏ ରାଓଙ୍କ ଆଡ଼କୁ ଚାହିଁ ହସି ମୁଣ୍ଡ ଟୁଙ୍ଗାରିଲା ?

*(i)* ରିକ୍ସାରେ ଥିବା ଲୋକ

*(ii)* ରାଓଙ୍କ ହାକିମ୍

*(iii)* ହେଡ୍ ମିଷ୍ଟ୍ରେସ୍

*(iv)* ଟୋପି ପିନ୍ଧିଥିବା ଲୋକ

(ଗ) ରାଓ କାହିଁକି ଘରୁ ବାହାରିଥିଲେ ?

(i) ହକର ବିରୁଦ୍ଧରେ ଅଭିଯୋଗ କରିବାକୁ

(ii) ହାକିମଙ୍କୁ ଭେଟିବାକୁ

(iii) ହେଡ୍ ମିଷ୍ଟ୍ରେସଙ୍କୁ ସାକ୍ଷାତ କରିବାକୁ

(iv) ଦାଢ଼ି କାଟିବାକୁ

(ଘ) ସୁଦର୍ଶନ କିପରି ମୃତ୍ୟୁବରଣ କରିଥିଲା ?

(i) ଯୁଦ୍ଧରେ

(ii) ରୋଗରେ

(iii) ଦୁର୍ଭିକ୍ଷରେ

(iv) ଆତ୍ମହତ୍ୟା କରି

(ଙ) କିଏ ବେଣୁଧରର ମୋହ ଭାଙ୍ଗି ପାରିଲା ନାହିଁ ?

(i) ଖରାତରା

(ii) କୋଇଲିର ସ୍ୱର

(iii) ସ୍ୱେଚ୍ଛାସେବକ

(iv) କପୋତର କରୁଣ ଧ୍ୱନି

★ ★ ★